# NATIONAL NEWS BULLETIN (ODIA)

## 31st March - 2024

## Evening Bulletin : 7.15 p.m.

**********************************

ଆକାଶବାଣୀ..... ସମ୍ବାଦ ପଢୁଛନ୍ତି..... **ମଳୟ ରଞ୍ଜନ ମିଶ୍ର**

## ମୁଖ୍ୟ ସମ୍ବାଦ

- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପୂର୍ବତନ ଉପ-ପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀଙ୍କୁ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତରତ୍ନରେ ସମ୍ମାନିତ କରିଛନ୍ତି ।

- ବରିଷ୍ଠ ବି.ଜେ.ପି. ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତର ପ୍ରଦେଶର ମିରଟ୍ ଠାରେ ଦଳ ପକ୍ଷରୁ ଲୋକସଭା ନିର୍ବାଚନ ପାଇଁ ପ୍ରଚାର କାର୍ଯ୍ୟ ଆରମ୍ଭ କରିଛନ୍ତି ।

- ନୂଆଦିଲ୍ଲୀର ରାମଲୀଳା ମଇଦାନଠାରେ ବିରୋଧୀ ଇଣ୍ଡିଆନ ନ୍ୟାସନାଲ ଡେଭଲପମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ ପକ୍ଷରୁ ଏକ ମହା ସମାବେଶ ଆୟୋଜିତ ହୋଇଛି ।

- ତ୍ରିପୁରା ପଶ୍ଚିମ ସଂସଦୀୟ ନିର୍ବାଚନ ମଣ୍ଡଳିରେ ଥିବା ୫୮ଟି ଭୋଟ୍‌ଗ୍ରହଣ କେନ୍ଦ୍ର ମହିଳାଙ୍କଦ୍ୱାରା ପରିଚାଳିତ ହେବ ବୋଲି ସେଠାକାର ନିର୍ବାଚନ ଅଧିକାରୀ କହିଛନ୍ତି ।

ଏବଂ

- ଆଇ.ପି.ଏଲ୍. କ୍ରିକେଟ୍‌ର ଆଜି ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଗୁଜୁରାଟ୍ ଟାଇଟନ୍‌ସ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ୭ ୱିକେଟ୍‌ରେ ପରାସ୍ତ କରିଛି ।

## ଭାରତରତ୍ନ - ଆଡ଼ଭାନୀ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ପୂର୍ବତନ ଉପ-ପ୍ରଧାନମନ୍ତ୍ରୀ ଲାଲକୃଷ୍ଣ ଆଡଭାନୀଙ୍କୁ ଦେଶର ସର୍ବୋଚ୍ଚ ବେସାମରିକ ସମ୍ମାନ ଭାରତରତ୍ନରେ ସମ୍ମାନିତ କରିଛନ୍ତି । ରାଷ୍ଟ୍ରପତି ଶ୍ରୀ ଆଡଭାନୀଙ୍କୁ ନୂଆଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ ଏହି ପୁରସ୍କାର ପ୍ରଦାନ କରିଛନ୍ତି । ଉପରାଷ୍ଟ୍ରପତି ଜଗଦୀପ ଧନଖଡ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପୂର୍ବତନ ଉପରାଷ୍ଟ୍ରପତି ଏମ୍. ଭେଙ୍କୟା ନାଇଡୁ, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଏବଂ ଶ୍ରୀ ଆଡ଼ଭାନୀଙ୍କ ପରିବାରର ସଦସ୍ୟଗଣ ସମ୍ମାନ ପ୍ରଦାନ ସମୟରେ ଉପସ୍ଥିତ ଥିଲେ ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, ଲାଲକୃଷ୍ଣ ଆଡଭାନୀ ସାତ ଦଶନ୍ଧିରୁ ଅଧିକ ସମୟ ଧରି ଦେଶ ପାଇଁ ଅତୁଟ ନିଷ୍ଠା ଏବଂ ଅସାଧାରଣ ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି। ୧୯୨୭ ମସିହାରେ କରାଚିରେ ଜନ୍ମଗ୍ରହଣ କରିଥିବା ଶ୍ରୀ ଆଡଭାନୀ ୧୯୪୭ ମସିହାରେ ଦେଶ ବିଭାଜନ ସମୟରେ ଭାରତ ଆସିଥିଲେ। ସେ କହିଛନ୍ତି, ସାଂସ୍କୃତିକ ଜାତୀୟତାବାଦର ଦୃଷ୍ଟିକୋଣରେ ଶ୍ରୀ ଆଡଭାନୀ ସାରା ଦେଶରେ ଦଶନ୍ଧି ଧରି କଠିନ ପରିଶ୍ରମ କରିଥିଲେ ଏବଂ ସାମାଜିକ ଓ ରାଜନୈତିକ ଦୃଶ୍ୟପଟରେ ଅନେକ ପରିବର୍ତ୍ତନ ଆଣିଥିଲେ । ରାଷ୍ଟ୍ରପତି କହିଛନ୍ତି, ଜରୁରୀକାଳୀନ ପରିସ୍ଥିତି ସମୟରେ ତାଙ୍କ ଭିତରେ ଥିବା ଅଦମ୍ୟ ସାହସ ଏକଛତ୍ରବାଦୀ ଶକ୍ତିଠାରୁ ଭାରତକୁ ରକ୍ଷା କରିବାରେ ସାହାଯ୍ୟ କରିଥିଲା ।

ରାଷ୍ଟ୍ରପତି କହିଛନ୍ତି, ସ୍ୱରାଷ୍ଟ୍ରମନ୍ତ୍ରୀ ଓ ଉପପ୍ରଧାନମନ୍ତ୍ରୀ ଭାବେ କାର୍ଯ୍ୟ କରିବା ସମୟରେ ସେ ସର୍ବଦା ଜାତୀୟ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇଥିଲେ । ସଂସଦରେ ବିଭିନ୍ନ ପ୍ରସଙ୍ଗରେ ତାଙ୍କର ସୁଚିନ୍ତିତ ମତାମତ ମାଧ୍ୟମରେ ସେ ଦଳ ନିର୍ବିଶେଷରେ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ । ସେ କହିଛନ୍ତି, ତାଙ୍କର ନିରବଚ୍ଛିନ୍ନ ଉଦ୍ୟମ ଏବଂ ସାଂସ୍କୃତିକ ବୈଭବର ପୁନରୁତ୍ଥାନ ଦିଗରେ ସେ ନେଇଥିବା ପଦକ୍ଷେପ ଯୋଗୁ ଚଳିତବର୍ଷ ଅଯୋଦ୍ଧାରେ ରାମମନ୍ଦିର ପ୍ରତିଷ୍ଠା ସମ୍ଭବ ହୋଇପାରିଛି ।

ରାଷ୍ଟ୍ରପତି କହିଛନ୍ତି, ସ୍ୱାଧୀନତା ପରବର୍ତ୍ତୀ ଭାରତକୁ ବିକାଶ ପଥରେ ଆଗେଇ ନେବାରେ ଶ୍ରୀ ଆଡ଼ଭାନୀ ବହୁ ପ୍ରଶଂସନୀୟ ପଦକ୍ଷେପ ଗ୍ରହଣ କରିଥିଲେ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଛନ୍ତି, ଶ୍ରୀ ଆଡ଼ଭାନୀଙ୍କୁ ଭାରତରତ୍ନରେ ସମ୍ମାନିତ କରାଯିବା ଏକ ଉଲ୍ଲେଖନୀୟ ବିଷୟ । ଏହାଦ୍ୱାରା ଦେଶପାଇଁ ସେ କରିଥିବା କାର୍ଯ୍ୟକୁ ସ୍ୱୀକୃତି ମିଳିଛି । ଏଭଳି ଜଣେ ବ୍ୟକ୍ତିଙ୍କ ସହ ବିଗତ ଦଶନ୍ଧି ଧରି କାମ କରିବାର ସୁଯୋଗ ପାଇଥିବାରୁ ସେ ନିଜକୁ ଧନ୍ୟ ମନେ କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ସୂଚନାଯୋଗ୍ୟ, ଗତକାଲି ରାଷ୍ଟ୍ରପତି ଭବନଠାରେ ଏକ ସ୍ୱତନ୍ତ୍ର ସମାରୋହରେ ରାଷ୍ଟ୍ରପତି ମୁର୍ମୁ ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହା ରାଓ ଓ ଚୌଧୁରୀ ଚରଣ ସିଂ, ବିଶିଷ୍ଟ କୃଷି ବିଜ୍ଞାନୀ ଏମ୍.ଏସ୍. ସ୍ୱାମୀନାଥନ୍ ଓ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ କର୍ପୁରୀ ଠାକୁରଙ୍କୁ ମରଣୋତ୍ତର ଭାବେ ଭାରତ ରତ୍ନ ପ୍ରଦାନ କରିଥିଲେ । ଏହି ସମାରୋହରେ ଭାରତ ରତ୍ନ ମିଳିଥିବା ମହାନ ବ୍ୟକ୍ତିମାନଙ୍କ ସଂପର୍କୀୟମାନେ ରାଷ୍ଟ୍ରପତିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ ।

# ପି.ଏମ୍. - ମିରଟ୍ ର୍ୟାଲି

ବରିଷ୍ଠ ବି.ଜେ.ପି. ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଉତ୍ତର ପ୍ରଦେଶର ମିରଟ୍ ଠାରେ ଦଳ ପକ୍ଷରୁ ଲୋକସଭା ନିର୍ବାଚନ ପାଇଁ ପ୍ରଚାର କାର୍ଯ୍ୟ ଆରମ୍ଭ କରିଛନ୍ତି । ଏକ ଜନସମାବେଶକୁ ସମ୍ବୋଧିତ କରି ସେ କହିଛନ୍ତି, ୨୦୨୪ ଲୋକସଭା ନିର୍ବାଚନ କେବଳ ସରକାର ଗଠନରେ ସୀମିତ ନୁହେଁ, ବରଂ ଦେଶ ବିକାଶକୁ ତ୍ୱରାନ୍ୱିତ କରିବା ଏବଂ ସମଗ୍ର ବିଶ୍ୱରେ ଭାରତକୁ ତୃତୀୟ ବିକଶିତ ଅର୍ଥନୀତି ରାଷ୍ଟ୍ର ଭାବେ ପ୍ରତିପାଦନ କରିବା ଉଦ୍ଦେଶ୍ୟରେ ଏକ ପଦକ୍ଷେପ । ସେ କହିଛନ୍ତି, ଭାରତ ଏକାଦଶ ଅର୍ଥନୀତି ରାଷ୍ଟ୍ର ଭାବେ ରହିଥିବାବେଳେ ଦେଶର ଦାରିଦ୍ର୍ୟ ହାର ଚିନ୍ତାଜନକ ସ୍ଥିତିରେ ରହିଥିଲା । ପଞ୍ଚମ ବୃହତ ଅର୍ଥନୈତିକ ରାଷ୍ଟ୍ରଭାବେ ମାନ୍ୟତା ପାଇବା ମଧ୍ୟରେ ଦେଶରେ ୨୫ କୋଟି ଲୋକ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠିଛନ୍ତି । ଆଗାମୀ ଦିନରେ ବିଶ୍ୱର ତୃତୀୟ ବିକଶିତ ଅର୍ଥନୀତି ରାଷ୍ଟ୍ରରେ ପରିଣତ ହେବ ଏବଂ ଦେଶରୁ ଦାରିଦ୍ର୍ୟ ସମୂଳେ ବିନାଶ ପାଇବ । ଦେଶର ମଧ୍ୟବିତ୍ତ ଶ୍ରେଣୀ ଅର୍ଥନୈତିକ ବିକାଶ କ୍ଷେତ୍ରରେ ବଳିଷ୍ଠ ଭୂମିକା ଗ୍ରହଣ କରିବ । ସେ କହିଛନ୍ତି, ବିଭିନ୍ନ କ୍ଷେତ୍ରରେ ନିବେଶ ବୃଦ୍ଧି, ଯୁବବର୍ଗଙ୍କ ପାଇଁ ସମ୍ଭାବନାର ମାର୍ଗ ଉନ୍ମୁକ୍ତ କରିଛି । ସମଗ୍ର ବିଶ୍ୱରେ ଭାରତର ବିଶ୍ୱସନୀୟତା ବୃଦ୍ଧି ପାଇଛି ବୋଲି ସେ କହିଛନ୍ତି । ପ୍ରଧାନମନ୍ତ୍ରୀ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ତାଙ୍କ ପ୍ରତିବଦ୍ଧତାକୁ ଦୋହରାଇ କହିଛନ୍ତି, ଦୁର୍ନୀତିଗ୍ରସ୍ତ ଲୋକ ଏବେ

ବନ୍ଦୀ ଜୀବନ ବିତାଉଛନ୍ତି । ବିଗତ ୧୦ ବର୍ଷ ମଧ୍ୟରେ ବହୁ ବିକାଶମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି ।

ଏହି ଜନସଭାରେ ଉଦ୍‌ବୋଧନ ଦେଇ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ କହିଛନ୍ତି, ୨୦୧୪ରେ ନରେନ୍ଦ୍ର ମୋଦି ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରଠାରୁ ଦେଶରେ ଅନେକ ପରିବର୍ତ୍ତନ ଆସିଛି । ବିଶ୍ୱ ଦରବାରରେ ବିକଶିତ ଭାରତର ଛବି ପ୍ରତିଫଳିତ ହୋଇଛି । ଉତ୍ତର ପ୍ରଦେଶରେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପନ୍ନ ହୋଇଛି ।

ଏହି ଲୋକସଭା ଆସନରୁ ବହୁଚର୍ଚ୍ଚିତ ଦୂରଦର୍ଶନ ଧାରାବାହିକ ରାମାୟଣରେ ରାମ ଚରିତ୍ରରେ ଅଭିନୟ କରିଥିବା କଳାକାର ଅରୁଣ ଗୋଭିଲ୍ ଦଳ ପକ୍ଷରୁ ନିର୍ବାଚନ ଲଢୁଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଏହି ଜନସମାବେଶରେ ରାଷ୍ଟ୍ରୀୟ ଲୋକଦଳ ଅଧ୍ୟକ୍ଷ ଜୟନ୍ତ ଚୌଧୁରୀ ଏବଂ ବି.ଜେ.ପି.ର ବହୁ ନେତା ଉଦ୍‌ବୋଧନ ଦେଇଥିଲେ । ୭ଟି ପର୍ଯ୍ୟାୟରେ ଉତ୍ତର ପ୍ରଦେଶରେ ଭୋଟ୍ ଗ୍ରହଣ କରାଯିବ ।

## ଅପୋଜିସନ ର୍‍ୟାଲି - ବି.ଜେ.ପି.

ନୂଆଦିଲ୍ଲୀର ରାମଲୀଳା ମଇଦାନଠାରେ ଆଜି ବିରୋଧୀ ଇଣ୍ଡିଆନ ନ୍ୟାସନାଲ ଡେଭଲପମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ - I.N.D.I.A. ପକ୍ଷରୁ ଏକ ମହା ସମାବେଶ ଆୟୋଜିତ ହୋଇଛି । ଏଥିରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ

ଅରବିନ୍ଦ କେଜରିଓ୍ୱାଲଙ୍କ ଗିରଫ ସମେତ ବିଭିନ୍ନ ପ୍ରସଙ୍ଗ ଉତ୍ଥାପନ ହୋଇଥିଲା । ସମାବେଶରେ ଯୋଗଦେଇ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ୍‌ଗେ କେନ୍ଦ୍ର ସରକାର ବିଭିନ୍ନ କେନ୍ଦ୍ରୀୟ ସଂସ୍ଥାକୁ ବିରୋଧୀ ନେତାଙ୍କ ବିରୋଧରେ ଉପଯୋଗ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି । ସେ କହିଛନ୍ତି, ଆଗାମୀ ନିର୍ବାଚନ ଏହାର ଉତ୍ତର ଦେବ । ଦେଶର ଗଣତନ୍ତ୍ର, ସମ୍ବିଧାନକୁ ରକ୍ଷା କରିବା ଦିଗରେ ସମସ୍ତେ ଏକାଠି ମିଳିମିଶି କରିବାକୁ ଶ୍ରୀ ଖଡ୍‌ଗେ ଆହ୍ୱାନ ଦେଇଛନ୍ତି । ଏଥିରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସର ସୋନିଆ ଗାନ୍ଧି, ରାହୁଲ ଗାନ୍ଧି, ପ୍ରିୟଙ୍କା ଗାନ୍ଧି, ଆପ୍ ନେତା ତଥା ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗଓ୍ୱନ୍ତ ମାନ୍, ଜେଲ୍‌ରେ ଥିବା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିଓ୍ୱାଲ୍‌ଙ୍କ ପତ୍ନୀ ସୁନୀତା, ଜେ.ଏମ୍.ଏମ୍. ନେତା ତଥା ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ଚମ୍ପେଇ ସୋରେନ୍, ଝାଡ଼ଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ପତ୍ନୀ କଳ୍ପନା, ସି.ପି.ଆଇ. ନେତା ସୀତାରାମ ୟେଚୁରୀ, ସି.ପି.ଆଇ. ସାଧାରଣ ସମ୍ପାଦକ ଡି. ରାଜା, ଶିବସେନା ୟୁ.ବି.ଟି. ନେତା ଉଦ୍ଧବ ଠାକ୍‌ରେ, ଏନ୍.ସି.ପି. ଏସ୍.ସି.ପି. ନେତା ଶରଦ ପାଓ୍ୱାର, ଆର୍.ଜେ.ଡି. ନେତା ତେଜସ୍ୱୀ ଯାଦବ, ନ୍ୟାସନାଲ୍ କନ୍‌ଫରେନ୍ସ ନେତା ଫାରୁକ୍ ଅବଦୁଲ୍ଲା, ପି.ଡି.ପି.ର ମେହବୁବା ମୁଫ୍‌ତି, ସମାଜବାଦୀ ପାର୍ଟିର ଅଖିଳେଶ ଯାଦବ ଏବଂ ତୃଣମୂଳ କଂଗ୍ରେସ ନେତା ଡେରେକ୍ ଓ ବ୍ରାଇନ୍ ପ୍ରମୁଖ ଏହି ସମାବେଶରେ ଯୋଗ ଦେଇଥିଲେ ।

ସୂଚନାଯୋଗ୍ୟ, ଚଳିତ ବର୍ଷ I.N.D.I.A. ମେଣ୍ଟର ଏହା ପ୍ରଥମ ଜନସଭା । ଗତବର୍ଷ ଜୁନ୍ ମାସରେ ପାଟନାଠାରେ ଏହି ମେଣ୍ଟର ଏକ ସଭା ଅନୁଷ୍ଠିତ ହୋଇଥିଲା ।

ଭାରତୀୟ ଜନତା ପାର୍ଟି ଏହି ସମାବେଶକୁ 'ପରିବାର ବଞ୍ଚାଅ ଏବଂ ଦୁର୍ନୀତି ଲୁଚାଅ' ର୍‍ୟାଲି ଭାବେ ଅଭିହିତ କରିଛି । ଦଳ ପକ୍ଷରୁ କୁହାଯାଇଛି, ଏହି ସମାବେଶ ଗଣତନ୍ତ୍ରକୁ ନୁହେଁ, ବ୍ୟକ୍ତିଗତ ସ୍ୱାର୍ଥକୁ ସୁରକ୍ଷା ଦେବାଲାଗି ଆୟୋଜନ କରାଯାଇଛି ।

## ଇଷ୍ଟର

ଦେଶ ତଥା ସମଗ୍ର ବିଶ୍ୱରେ ଆଜି ଇଷ୍ଟର ପର୍ବ ପାଳନ କରାଯାଉଛି । ପ୍ରଭୁ ଯିଶୁଖ୍ରୀଷ୍ଟ କ୍ରୁଶବିଦ୍ଧ ହେବା ପରେ ଆଜି ତାଙ୍କର ପୁର୍ନଜନ୍ମ ହୋଇଥିବା ବିଶ୍ୱାସ ରହିଛି । ଏହି ଅବସରରେ ଗତକାଲି ରାତିରେ ଦେଶର ବିଭିନ୍ନ ଚର୍ଚ୍ଚଗୁଡ଼ିକରେ ମଧ୍ୟରାତ୍ରି ଇଷ୍ଟର ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା ।

ଏହି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ଜଗଦୀପ ଧନଖଡ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୃଥକ୍ ପୃଥକ୍ ଶୁଭେଚ୍ଛା ବାର୍ତ୍ତାରେ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

# ତ୍ରିପୁରା - ଓମେନ୍ ପୋଲ୍ସ୍

ତ୍ରିପୁରାର ୭୯୩ଟି ଭୋଟ୍‌ଗ୍ରହଣ କେନ୍ଦ୍ର ମଧ୍ୟରୁ ତ୍ରିପୁରା ପଶ୍ଚିମ ସଂସଦୀୟ ନିର୍ବାଚନ ମଣ୍ଡଳିରେ ଥିବା ୫୮ଟି ଭୋଟ୍‌ଗ୍ରହଣ କେନ୍ଦ୍ର ମହିଳାମାନଙ୍କଦ୍ୱାରା ପରିଚାଳିତ ହେବ । ଏହି ପରିପ୍ରେକ୍ଷୀରେ ପ୍ରାୟ ୫୦୦ ମହିଳା ପୁଲିଙ୍ଗ୍ ଅଧିକାରୀଙ୍କୁ ଅଗରତାଲାର ଶିଶୁବିହାର ସ୍କୁଲ୍‌ରେ ତାଲିମ୍ ପ୍ରଦାନ କରାଯାଉଛି । ଏହି ୫୮ଟି ବୁଥ୍‌କୁ ଆଦର୍ଶ ଭୋଟ୍ ଗ୍ରହଣ କେନ୍ଦ୍ର ଭାବେ ମାନ୍ୟତା ପ୍ରଦାନ କରାଯାଇଛି । ତ୍ରିପୁରା ପଶ୍ଚିମ ସଂସଦୀୟ କ୍ଷେତ୍ରର ନିର୍ବାଚନ ଅଧିକାରୀ ଡକ୍ଟର ବିଶାଳ କୁମାର ଆକାଶବାଣୀକୁ ସୂଚନା ଦେଇ କହିଛନ୍ତି, ପୁଲିଙ୍ଗ୍ ଦଳର ସଦସ୍ୟ ଭାବେ କାର୍ଯ୍ୟ କରିବାକୁ ଥିବା ୫ ହଜାରରୁ ଅଧିକ କର୍ମଚାରୀ ଇଲେକ୍ସନ ଡ୍ୟୁଟି ସାର୍ଟିଫିକେଟ୍ ପାଇଁ ଆବେଦନ କରିଛନ୍ତି । ନିଜ ମତାଧିକାର ସାବ୍ୟସ୍ତ କରିବାକୁ ଥିବା କେନ୍ଦ୍ରଠାରୁ ଦୂରରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ଭୋଟ୍ ଦେବା ଲାଗି ଏହି ସାର୍ଟିଫିକେଟ୍ ପ୍ରଦାନ କରାଯାଏ ବୋଲି ଡକ୍ଟର କୁମାର କହିଛନ୍ତି ।

## ଆଇ.ପି.ଏଲ୍.

ଆଇ.ପି.ଏଲ୍. କ୍ରିକେଟ୍‌ର ଆଜି ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଗୁଜୁରାଟ୍ ଟାଇଟନ୍‌ସ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ୭ ୱିକେଟ୍‌ରେ ପରାସ୍ତ କରିଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ହାଇଦ୍ରାବାଦ ନିର୍ଦ୍ଧାରିତ ୨୦ ଓଭର୍‌ରେ ୮ ୱିକେଟ୍ ବିନିମୟରେ ୧୬୨ ରନ୍ ସଂଗ୍ରହ କରିଥିଲା । ୧୬୩ ରନ୍‌ର ବିଜୟ ଲକ୍ଷ୍ୟକୁ ଗୁଜରାଟ ଟାଇଟନ୍‌ସ ୩ଟି ୱିକେଟ୍ ବିନିମୟରେ ୧୯ ଓଭର ଗୋଟିଏ ବଲ୍‌ରେ ହାସଲ କରିଛି ।

ଆଉ କିଛି ସମୟ ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ ମ୍ୟାଚ୍ ବିଶାଖାପାଟଣାର ୱାଇ. ଏସ୍. ରାଜଶେଖର ରେଡ୍ଡୀ ଷ୍ଟାଡିୟମ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ଚେନ୍ନାଇ ସୁପର କିଙ୍ଗ୍‌ସ୍ ମଧ୍ୟରେ ମୁକାବିଲା ହେବ ।

## ମିଆମି ଓପନ୍ ଟେନିସ୍

ଅଣମାନ୍ୟତାପ୍ରାପ୍ତ ଆମେରିକାର ଟେନିସ୍ ଖେଳାଳି ଡାନିଏଲ୍ କଲିନ୍ସ ମିଆମି ଓପନ୍ ଟେନିସ୍ ପ୍ରତିଯୋଗିତାର ମହିଳା ଏକକ ବର୍ଗରେ ଟାଇଟଲ୍ ହାସଲ କରିଛନ୍ତି । ଆଜି ଫ୍ଲୋରିଡ଼ାଠାରେ ଅନୁଷ୍ଠିତ ଫାଇନାଲ୍ ମ୍ୟାଚ୍‌ରେ

କଲିନ୍ସ ଚତୁର୍ଥ ମାନ୍ୟତାପ୍ରାପ୍ତ ଖେଳାଳି କାଜାଖସ୍ତାନର ଏଲିନା ରିବାକିନାଙ୍କୁ ୭-୫, ୬-୩ ସେଟ୍‌ରେ ପରାସ୍ତ କରି ଏହି ସଫଳତା ହାସଲ କରିଛନ୍ତି ।

ଆଜି ପୁରୁଷ ଏକକ ବର୍ଗ ଫାଇନାଲ୍ ମ୍ୟାଚ୍‌ରେ ଦ୍ୱିତୀୟ ମାନ୍ୟତାପ୍ରାପ୍ତ ଇଟାଲୀର ଜାନ୍ନିକ୍ ସିନ୍ନର ଏବଂ ଏକାଦଶ ମାନ୍ୟତାପ୍ରାପ୍ତ ବୁଲ୍‌ଗେରିଆର ଗ୍ରିଗୋର୍ ଦିମିତ୍ରୋଭ୍‌ଙ୍କ ମଧ୍ୟରେ ମୁକାବିଲା ହେବ ।

ଭାରତୀୟ ଟେନିସ୍ ଖେଳାଳି ରୋହନ ବୋପାନ୍ନା ଓ ତାଙ୍କ ଅଷ୍ଟ୍ରେଲୀୟ ସହଯୋଗୀ ମାଥ୍ୟୁ ଏବ୍‌ଡେନ୍‌ଙ୍କ ଯୋଡ଼ି ମିଆମି ଓପନ୍‌ର ପୁରୁଷ ଡବଲ୍ସ ଫାଇନାଲ୍‌ରେ ବିଜୟ ହାସଲ କରିଛନ୍ତି। ଏହି ଯୋଡି କ୍ରୋଏସିଆର ଇଭାନ ଡୋଡିକ୍ ଏବଂ ଆମେରିକାର ଅଷ୍ଟିନ୍ କ୍ରାଜିସେକ୍‌ଙ୍କୁ ୬-୭, ୬-୩, ୧୦-୬ ସେଟ୍‌ରେ ପରାସ୍ତ କରିଛନ୍ତି।

*****